BAGEESHA
ବାଗୀଶ
ତୃତୀୟ ବର୍ଷ, ଚତୁର୍ଥ ସଂଖ୍ୟା | ଜୁଲାଇ-ଅଗଷ୍ଟ ୨୦୨୫
Volume No. 03 | Issue No. 04 | Jul-Aug 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଓଡ଼ିଶାର ବଞ୍ଜାରୀ ଭାଷା: ଏକ ଅନୁଶୀଳନ

**ଡୋଲାମଣି ଧରୁଆ**
ସହକାରୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ,
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

RECEIVED : 15 JUN 2025
ACCEPTED : 25 AUG 2025
REVISED : 31 AUG 2025
PUBLISHED: 10 SEP 2025
ARTICLE QR CODE
DOI: 10.70541/BAGEESHA/2025030401
Article No. BM2025/04-A001
Category : Research Article
Journal Home Page: https://bageesha.in
Support: editor.bageesha@gmail.com
BM2025/04-A001

ABSTRACT

**ସାରାଂଶ**

*ଓଡ଼ିଶାରେ ଅନେକ ଭାଷାଭାଷୀ ଲୋକ ବସବାସ କରନ୍ତି। ଭାଷାଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା। ଓଡ଼ିଶାର ଅଧିବାସୀ ଓଡ଼ିଆ ଭାଷୀ। ତଥାପି ଓଡ଼ିଶାରେ ଅନେକ ଭାଷାଭାଷୀ ଲୋକ ବସବାସ କରନ୍ତି। ଓଡ଼ିଶାର ଭାଷା କ୍ଷେତ୍ର ବିସ୍ତୀର୍ଣ୍ଣ ଓ ବ୍ୟାପକ। ମାନକ ଓଡ଼ିଆ ଭାଷା ପ୍ରଚଳିତ ହେଉଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ଭାଷା ପ୍ରଚଳିତ। ଓଡ଼ିଶାରେ ଅନେକ ଉପଭାଷା ମଧ୍ୟ ପ୍ରଚଳିତ। ସେହି ସବୁ ମଧ୍ୟରେ ଆଦିବାସୀମାନଙ୍କ ମଧ୍ୟ ସ୍ୱତନ୍ତ୍ର ଭାଷା ରହିଛି। କନ୍ଧମାନଙ୍କ କୁଇ, ଗୋଣ୍ଡମାନଙ୍କର ଗୋଣ୍ଡି, ଭତରାମାନଙ୍କର ଭତରୀ, ସଉରାମାନଙ୍କର ସଉରୀ, ସାନ୍ତାଳମାନଙ୍କର ସାନ୍ତାଳୀ ପରି ବଞ୍ଜାରାମାନଙ୍କର ବଞ୍ଜାରୀ ଭାଷା ରହିଛି। ଭାଷା ହେଉଛି ଗୋଟିଏ ସଂପ୍ରଦାୟର ପରିଚୟ। ଭାଷା ଗୋଟିଏ ସଂପ୍ରଦାୟକୁ ସ୍ୱତନ୍ତ୍ର କରିରଖିଥାଏ। ଭାଷାର ସ୍ୱତନ୍ତ୍ରତା ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ପାର୍ଥକ୍ୟ ସୂଚୀତ କରେ। ଏହି ଧାରାରେ ଓଡ଼ିଶାରେ ବସବାସ କରୁଥିବା ବଞ୍ଜାରା ସଂପ୍ରଦାୟର ମଧ୍ୟ ସ୍ୱତନ୍ତ୍ର ଭାଷା ରହିଛି। ଯାହା ବଞ୍ଜାରୀ ଭାଷା ନାମରେ ପରିଚିତ। ଉକ୍ତ ପ୍ରବନ୍ଧରେ ଉକ୍ତ ଭାଷାର ବିଶ୍ଳେଷଣପାଇଁ ଚେଷ୍ଟା କରାଯାଇଛି।*

**ମୂଳଶବ୍ଦ:** ବଞ୍ଜାରା, ବଞ୍ଜାରୀ ଭାଷା, ଆଦିବାସୀ, ସଂପ୍ରଦାୟ, ଭାଷା, ଓଡ଼ିଆ, ସଂସ୍କୃତି, ବ୍ୟାକରଣ, କଥିତ ଭାଷା, ଶବ୍ଦ ।

**ଉପକ୍ରମ:** ଓଡ଼ିଶା ହେଉଛି ଏକ ଆଦିବାସୀବହୁଳ ରାଜ୍ୟ। ଆଦିବାସୀମାନେ ଏଠିକାର ଭୂମ୍ୟାଧିକାରୀ ରୂପେ ପରିଚିତ। ଓଡ଼ିଆ ସଂସ୍କୃତିକୁ ଆଦିବାସୀ ସଂସ୍କୃତି ବହୁମାତ୍ରାରେ ପ୍ରଭାବିତ କରିଛି। ଠିକ୍ ସେହିପରି ଓଡ଼ିଆଭାଷାକୁ ଆଦିବାସୀ ଭାଷା ପ୍ରଭାବିତ କରିଅଛି। ଓଡ଼ିଆ ଶବ୍ଦ ଭଣ୍ଡାରରେ ଅନେକ ଗୁଡ଼ିଏ ଆଦିବାସୀ ଶବ୍ଦ କ୍ଷୀରନୀର ପରି ମିଶି ରହିଛି। ଯାହାର ମୂଳ ନିର୍ଣ୍ଣୟ କରିବା କଷ୍ଟକର ହୋଇପଡ଼େ। ଓଡ଼ିଶାରେ ବସବାସ କରୁଥିବା ବଞ୍ଜାରା ସଂପ୍ରଦାୟ ସଂସ୍କୃତି ଓ ଭାଷା ଦୃଷ୍ଟିରୁ ଖୁବ୍ ସଚେତନ। ବଞ୍ଜାରା ସଂସ୍କୃତି ଖୁବ୍ ନିଆରା। ସେହିଭଳି ତାଙ୍କ ଭାଷା ମଧ୍ୟ ସମୃଦ୍ଧ। ସେମାନଙ୍କର କଥିତ ଭାଷାକୁ ବଞ୍ଜାରୀ କୁହାଯାଏ। ସାଂପ୍ରତିକ ସମୟରେ ବଞ୍ଜାରା ସଂପ୍ରଦାୟ ନିଜ ନିଜ ଭାଷାରେ କଥାବାର୍ତ୍ତା କରନ୍ତି। ଏହା ତାଙ୍କ ଭାଷା ପ୍ରୀତିର ପରିଚୟ ପ୍ରଦାନ କରିଥାଏ। ଓଡ଼ିଶାରେ ବସବାସ କରୁଥିଲେ ଓଡ଼ିଆ ଭାଷା ସହିତ ନିଜର ଭାଷାକୁ ସେମାନେ ଗୁରୁତ୍ୱ ଦେଇଥାନ୍ତି। ଏଥିପାଇଁ ଭାଷା ଦୃଷ୍ଟିରୁ ବଞ୍ଜାରା ସଂପ୍ରଦାୟର ସ୍ୱତନ୍ତ୍ରତା ସ୍ପଷ୍ଟ ରୂପେ ବାରି ହୋଇପଡ଼େ। ବଞ୍ଜାରା ସଂପ୍ରଦାୟର ଭାଷାକୁ ଗୋର ବୋଲି ମଧ୍ୟ କୁହାଯାଏ। ଉପଭାଷା (Dialect)କୁ ବିଭିନ୍ନ ନାମରେ ନାମିତ କରାଯାଇଛି। ଯେମିତିକି ବିଭାଷା, ଆଞ୍ଚଳିକ ଭାଷା, ବୋଲି ପ୍ରଭୃତି। କାରଣ ବଞ୍ଜାରାମାନେ ଗୋର ବଞ୍ଜାରା ନାମରେ ପରିଚିତ। ଏହା ବ୍ୟତୀତ ବଞ୍ଜାରା ସଂପ୍ରଦାୟର ଇଷ୍ଟ ଦେବୀଙ୍କ ନାମ ହେଉଛି ବଞ୍ଜାରୀ। ବଞ୍ଜାରୀ ପ୍ରଖର ଶକ୍ତିସଂପନ୍ନ ଦେବୀ। ସେହି ଦେବୀଙ୍କ ନାମାନୁଯାୟୀ ବଞ୍ଜାରା ଭାଷାର ନାମ ବଞ୍ଜାରୀ ହୋଇଥବା ବିଶ୍ୱାସ କରାଯାଏ।

**ବିଷୟର ଆଲୋଚନା:** ପୃଥିବୀରେ ଅନେକ ଭାଷା ପରିବାର ଦେଖିବାକୁ ମିଳିଥାଏ। ତାହାକୁ ମହାଦେଶାଧାର, ଦେଶାଧାର, କାଳାଧାର, ଧର୍ମାଧାର ତଥା ପାରିବାରିକ ଆଧାରରେ ବିଭକ୍ତ କରାଯାଇଛି। ସେହିଭଳି ଭାରତରେ ଚାରି ପ୍ରକାରର ଭାଷା ପରିବାରର ଦୃଷ୍ଟିଗୋଚର ହୋଇଥାଏ। ଯଥା: ଇଣ୍ଡୋୟୁରୋପୀୟ ଭାଷା ପରିବାର, ଦ୍ରାବିଡ଼ ଭାଷା ପରିବାର, ଅଷ୍ଟ୍ରିକ ଭାଷା ପରିବାର ଓ ଚୈନିକ-ତିବ୍ବତୀୟ ଭାଷା ପରିବାର। ଓଡ଼ିଶାରେ ପ୍ରଚଳିତ ହେଉଥିବା ଭାଷାଗୁଡ଼ିକୁ

ମୁଖ୍ୟତଃ ଇଣ୍ଡୋୟୁରୋପୀୟ ଭାଷା ପରିବାର, ଦ୍ରାବିଡ଼ ଭାଷା ପରିବାର ଓ ଅଷ୍ଟ୍ରିକ ଭାଷା ପରିବାରର ଅନ୍ତର୍ଭୁକ୍ତ କରାଯାଇଛି। ଗୋଣ୍ଡି ଭାଷା ଦ୍ରାବିଡ଼ ଭାଷା ପରିବାରର ହୋଇଥିବାବେଳେ ସାନ୍ତାଳୀ ଭାଷା ଅଷ୍ଟ୍ରିକ ଭାଷା ପରିବାରରୁ ଆସିଅଛି। ସେହିପରି ବଞ୍ଜାରୀ ଭାଷା ଇଣ୍ଡୋୟୁରୋପୀୟ ଭାଷା ପରିବାରକୁ ଆସିଥିବା ଅନୁମାନ କରାଯାଏ। ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ବଞ୍ଜାରୀ ଭାଷାର ପ୍ରଧାନ କ୍ଷେତ୍ର ହେଉଛି ରାଜସ୍ଥାନର ମେୱାର। କାରଣ ଏହି ଅଞ୍ଚଳରେ ପ୍ରଥମେ ବଞ୍ଜାରାମାନେ ବସବାସ କରୁଥିଲେ। ପରବର୍ତ୍ତୀ ସମୟରେ ସେମାନେ ଉତ୍ତର ଭାରତରୁ ଦକ୍ଷିଣ ଭାରତକୁ ଗମନ କରିଛନ୍ତି। ଏପରିକି ଭାରତର ବିଭିନ୍ନ ସ୍ଥାନରେ ବସବାସ କରିଛନ୍ତି। ଓଡ଼ିଶାର ଭଦ୍ରକ, ବଲାଙ୍ଗୀର, କଟକ , ଯାଜପୁର, ଢେଙ୍କାନାଳ, ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ା, କେଉଁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ମୟୂରଭଞ୍ଜ, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସମ୍ବଲପୁର, ବରଗଡ଼, ଦେଓଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ବସବାସ କରୁଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ୧୮୨୫୭ ଜଣ ବଞ୍ଜାରା ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ୯୧୨୬ ଜଣ ଓ ମହିଳା ୯୧୩୧ ଜଣ। ସେହିଭଳି ପୁରୁଷ ସାକ୍ଷରତା ହାର ୭୫.୫୬% ଓ ମହିଳା ସାକ୍ଷରତା ହାର ୪୯.୧୪% ଅଟେ। ଏହି ଆଦିବାସୀ ଉଭୟ ବଞ୍ଜାରୀ ଓ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି। ନିଜ ସଂପ୍ରଦାୟ ମଧ୍ୟରେ କଥାବାର୍ତ୍ତା ହେବା ସମୟରେ ବଞ୍ଜାରୀ ଭାଷାରେ କଥାବାର୍ତ୍ତା ହେଉଥିବାବେଳେ ଅନ୍ୟ ସଂପ୍ରଦାୟର ଲୋକଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି।

ବଞ୍ଜାରୀ ଭାଷାର ନାମକରଣ ସାଂପ୍ରଦାୟିକ ଦୃଷ୍ଟିରୁ ହୋଇଅଛି। ଏଥିରେ ହିନ୍ଦୀ ଓ ରାଜସ୍ଥାନୀ ଭାଷାର ମିଶ୍ରଣ ଦେଖିବାକୁ ମିଳିଥାଏ। ବଞ୍ଜାରୀ ଭାଷାର ଉତ୍ପତ୍ତି ତତ୍ତ୍ୱ ଆଲୋଚନା କଲାବେଳେ ଏହାର ମୂଳ ଭାଷାକୁ ଆଲୋଚନା କରାଯିବା ଉଚିତ। ଇଣ୍ଡୋୟୁରୋପୀୟ ଭାଷା ପରିବାର ହେଉଛି ବଞ୍ଜାରୀ ମୂଳ। ଇଣ୍ଡୋୟୁରୋପୀୟ ଭାଷା ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଯଥା: କେନ୍ତୁମ ଓ ଶତମ୍। ଶତମ୍ ବର୍ଗ ପୁଣି ପାଞ୍ଚ ଭାଗରେ ବିଭକ୍ତ ହୋଇଯାଇଛି। ଯଥା:- ବାଲଟିକ୍, ସ୍ଲାଭିକ୍, ଆର୍ମେନୀୟ, ଆଲବାନୀୟ ଓ ଇଣ୍ଡୋ-ଇରାନୀୟ ବା ଆର୍ଯ୍ୟ। ଇଣ୍ଡୋ-ଇରାନୀୟ ବା ଆର୍ଯ୍ୟ ଶାଖା ପୁଣି ତିନି ଭାଗରେ ବିଭକ୍ତ ହୋଇଛି। ଯଥା: ଇରାନୀୟ, ଦରଦୀୟ ଓ ଭାରତୀୟ। ଭାରତୀୟ ଆର୍ଯ୍ୟ ଭାଷା ପୁଣି ତିନି ଭାଗରେ ବିଭକ୍ତ ହୋଇଛି। ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା (ଖ୍ରୀ.ପୂ.୧୫୦୦ରୁ ଖ୍ରୀ.ପୂ.୫୦୦ ପର୍ଯ୍ୟନ୍ତ) , ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା (ଖ୍ରୀ.ପୂ.୫୦୦ରୁ ଖ୍ରୀଷ୍ଟାବ୍ଦ ୧୦୦୦ ପର୍ଯ୍ୟନ୍ତ) ଓ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା (ଖ୍ରୀଷ୍ଟାବ୍ଦ ୧୦୦୦ରୁ ଅଦ୍ୟାବଧି)। ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା ପୁଣି ଦୁଇ ଭାଗରେ ବିଭକ୍ତ ହୋଇଛି। ଯଥା: ବୈଦିକ ସଂସ୍କୃତ ଓ ଲୌକିକ ସଂସ୍କୃତ। ପ୍ରଥମ ପର୍ଯ୍ୟାୟରେ ବୈଦିକ ସଂସ୍କୃତର ନିକଟବର୍ତ୍ତୀ ଥିଲା ପାଲି ଭାଷା। ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରାକୃତ ଭାଷାର ପ୍ରଭାବ ପଡ଼ିବା ଫଳରେ ତାହାର ରୂପ ପରିବର୍ତ୍ତନ ହୋଇଯାଇଛି। ତେଣୁ ପାଲିରୁ ଶୌରସେନୀ ପ୍ରାକୃତ ମଧ୍ୟଦେଇ ଗୁରଜାରୀ ଅପଭ୍ରଂଶର ସୃଷ୍ଟି ହୋଇଛି। ଏକାଦଶରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଗୁରଜାରୀ ଅପଭ୍ରଂଶର ସୃଷ୍ଟି ହୋଇଥିଲା। ସେହି ଗୁରଜାରୀ ଅପଭ୍ରଂଶରୁ ରାଜସ୍ଥାନୀ ଭାଷାର ସୃଷ୍ଟି। ପ୍ରାଚୀନ ରାଜସ୍ଥାନୀ, ମଧ୍ୟଯୁଗୀୟ ରାଜସ୍ଥାନୀ ଓ ଆଧୁନିକ ରାଜସ୍ଥାନୀ ନାମରେ ଭାଷାର କ୍ରମବିବର୍ତ୍ତନ ଘଟିଛି। ଏହି ଗୁରଜାରୀ ଅପଭ୍ରଂଶରୁ ବଞ୍ଜାରୀ ଭାଷାର ସୃଷ୍ଟି। ଏହି ଅପଭ୍ରଂଶ ଗୁରଜାରୀ, ଗୋଜରୀ ଓ ଗୋର ନାମରେ ପରିଚିତ। ବଞ୍ଜାରୀ ଭାଷାକୁ ଗୋର ବୋଲି ମଧ୍ୟ କୁହାଯାଏ। ସେହି ଗୁରଜାରୀ ଅପଭ୍ରଂଶ ପରବର୍ତ୍ତୀ ସମୟରେ ଗୋର ବୋଲି ନାମରେ ନାମିତ। ବଞ୍ଜାରା ସଂପ୍ରଦାୟର ମୂଳ ବାସସ୍ଥାନ ରାଜସ୍ଥାନ ହୋଇଥିବାରୁ ରାଜସ୍ଥାନର ସଂସ୍କୃତି ସହିତ ବଞ୍ଜାରା ସଂସ୍କୃତିର ସାମଞ୍ଜସ୍ୟ ରହିଅଛି। ସେହିପରି ରାଜସ୍ଥାନୀ ଭାଷା ଓ ବଞ୍ଜାରୀ ଭାଷା ମଧ୍ୟରେ ସାମ୍ୟତା ଦେଖିବାକୁ ମିଳେ। ବଞ୍ଜାରୀ ଭାଷା ବଞ୍ଜାରା ସଂପ୍ରଦାୟର କଥିତ ଭାଷା ଓ ଏହା ମୂଳ ଇଣ୍ଡୋୟୁରୋପୀୟ ଭାଷା ପରିବାରରୁ ଆନୀତ ।

ବଞ୍ଜାରୀ ଭାଷା ହେଉଛି ବଞ୍ଜାରା ସଂପ୍ରଦାୟର ଭାଷିକ ପରିଚୟ। ଯାହା ବଞ୍ଜାରା ସଂପ୍ରଦାୟର ଅସ୍ମିତାକୁ ସୂଚୀତ କରେ। ବ୍ୟାବହାରିକ ଦୃଷ୍ଟିରୁ ବଞ୍ଜାରା ଭାଷାର ସ୍ୱତନ୍ତ୍ରତା ବିଦ୍ୟମାନ। ଧ୍ୱନିତତ୍ତ୍ୱ, ରୂପତତ୍ତ୍ୱ, ଶବ୍ଦତତ୍ତ୍ୱ ଓ ବାକ୍ୟତତ୍ତ୍ୱ ଦୃଷ୍ଟିରୁ ବଞ୍ଜାରୀ ଭାଷାର ସ୍ୱତନ୍ତ୍ରତା ସ୍ପଷ୍ଟରୂପେ ପ୍ରତୀୟମାନ ହୋଇଥାଏ। ସେ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା।

### ବିଶେଷ୍ୟଗତ ବୈଶିଷ୍ଟ୍ୟ:

ବଞ୍ଜାରୀ ଭାଷାରେ ପ୍ରଚଳିତ ବିଶେଷ୍ୟ ପଦଗୁଡ଼ିକ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର। ତାହାର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

| ଓଡ଼ିଆ | ବଞ୍ଜାରୀ | ଓଡ଼ିଆ | ବଞ୍ଜାରୀ |
|---|---|---|---|
| କାଠ | କାଟ | କଲରା | କଲଲା |
| ନିଶ | ମୁଛ | କୋବି | ଗୁବି |
| ପାଦ | ଟାଙ୍ଗ | ଆମ୍ବ | ଆମା |
| ପାନିଆଁ | କାଙ୍ଗସି | ତେନ୍ତୁଳି | ଆମୁଲି |
| ଦୀପ | ଦିଓ | ଆଖୁ | ସାଟା |
| ଅଣ୍ଡା | ଇଣ୍ଡ | କପା | କଦସା |
| କାକରା | ବକରା | ଲତା | ୱେଲା |
| ପଖାଳ | ପେଜ | ଗାମୁଛା | ସାପି |
| ମାଛ | ମାହାଳି | ଚିତାବାଘ | ୱୋଡ଼ |
| ଲଡୁ | ଲାଡୁ | ମାଙ୍କଡ଼ | ୱାନ୍ଦରା |
| ସୋରିଷ | ସରସପ୍ପି | ରିଗ | ହେରନା |

DOI: 10.70541/BAGEESHA/2025030401
VOL NO 03 ISSUE NO 04

### ବିଶେଷଣଗତ ବୈଶିଷ୍ଟ୍ୟ:

ବଞ୍ଜାରୀ ଭାଷାରେ ବ୍ୟବହୃତ ବିଶେଷଣ ପଦଗୁଡ଼ିକ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର। ତାହାର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା ।

| ଓଡ଼ିଆ | ବଞ୍ଜାରୀ | ଓଡ଼ିଆ | ବଞ୍ଜାରୀ |
|---|---|---|---|
| ମେଘୁଆ | ୱାଦଡ଼ିଆ | ଭଙ୍ଗା | ଟୁଟ |
| ଶୁଖିଲା | ଶୁଖୁଆ | ଅସଂଖ୍ୟ | ଗେଦାବଲା |
| ମଧୁର | ମିଠ | ମଇଳା | ମେହେଲ |
| କାଦୁଅ | କିଚେଡ଼ | କଠିନ | କଡକ |
| ଅସଂପୂର୍ଣ୍ଣ | ଆଧ | ଗରମ | ତାତ |
| ପାଚିଲା | ପାକ | ବୁଢା | ଡକରା |

### ସର୍ବନାମଗତ ବୈଶିଷ୍ଟ୍ୟ:

ସର୍ବନାମ, ପୁରଷ ଓ ବଚନ ବଞ୍ଜାରୀ ଭାଷାର ସ୍ୱତନ୍ତ୍ରତାକୁ ପ୍ରତିପାଦନ କରେ। ଯଥା:-

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମ ପୁରୁଷ: | ମୁଁ- ମେଁ, ମୋର- ମାର, ମୋତେ- ମନେ | ଆମ୍ଭେ- ଆମାର, ଆମ୍ଭେମାନେ- ହାମ୍, ଆମ୍ଭଙ୍କୁ- ହାମେନ |
| ଦ୍ୱିତୀୟ ପୁରୁଷ: | ତୁ- ତାର | ତୁମେ- ତମାର , ତୁମକୁ- ତନେ, ତୁମ୍ଭେମାନେ- ତମହନ୍ |
| ତୃତୀୟ ପୁରୁଷ: | ସେ- ଉ | ସେମାନେ- ଓହେନ , ତାଙ୍କୁ- ଉନେ, ତାଙ୍କର- ଓର, ସେମାନଙ୍କର- ଓହନେର |

### ଲିଙ୍ଗଗତ ବୈଶିଷ୍ଟ୍ୟ:

ବଞ୍ଜାରୀ ଭାଷାରେ ଲିଙ୍ଗଗତ ବୈଶିଷ୍ଟ୍ୟ ଦେଖିବାକୁ ମିଳିଥାଏ। ତାହାର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

| ପୁଂଲିଙ୍ଗ | ସ୍ତ୍ରୀ ଲିଙ୍ଗ |
|---|---|
| ଭଣଜା-ଭାଁଚା | ଭାଣିଜୀ- ଭାଁଚି |
| କଣା- କାଣ | କାଣୀ- କାଣୀ |
| ଗଉଡ଼- ନରିଆ | ଗଉଡୁଣୀ- ନରେନ୍ |
| ପିତା- ବା | ମାତା-ୟା |
| ଅଜା- ନାନା | ଆଈ- ନାନୀ |
| ଭାଇ- ଭେୟା | ଭାଉଜ- ବୋଇ |
| ପୁରୁଷ- ମରଦମନା | ସ୍ତ୍ରୀ- ମଇଦେଇ |
| ମୁଖ୍ୟ- ନାଏକ | ମୁଖ୍ୟା- ନାଏକେନ |

### ବିଭକ୍ତିଗତ ବୈଶିଷ୍ଟ୍ୟ:

ବିଭକ୍ତିଗତ ସ୍ୱାତନ୍ତ୍ର୍ୟ ବଞ୍ଜାରୀ ଭାଷାର ବିଶେଷତ୍ୱକୁ ସୂଚୀତ କରିଥାଏ। ତାହାର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

| | ଏକବଚନ | ବହୁବଚନ |
|---|---|---|
| ପ୍ରଥମା ବିଭକ୍ତି: | ଟି- ଏକ | ଗୁଡ଼ିକ- ହନ |
| ଦ୍ୱିତୀୟା ବିଭକ୍ତି: | କୁ- ଏନ | ଗୁଡ଼ିକୁ- ହନ, ମାନଙ୍କୁ- ହନ |
| ତୃତୀୟା ବିଭକ୍ତି: | ରେ-ମ, ଦ୍ୱାରା- ମେଁ | ମାନଙ୍କରେ- ମନେମ |
| ଚତୁର୍ଥୀ ବିଭକ୍ତି: | କୁ- ଏନ | ଗୁଡ଼ିକୁ- ହନ, ମାନଙ୍କୁ- ହନ |
| ପଞ୍ଚମୀ ବିଭକ୍ତି: | ରୁ- ତି, ଠାରୁ-ତି | ମାନଙ୍କରୁ-ତି |
| ଷଷ୍ଠୀ ବିଭକ୍ତି: | ର- ର | ମାନଙ୍କର- ହେନେର |
| ସପ୍ତମୀ ବିଭକ୍ତି | ରେ- ମ, ଠାରେ- କେନେ | ମାନଙ୍କଠାରେ- ହେନେରକେନେ |

### ଅବ୍ୟୟଗତ ବୈଶିଷ୍ଟ୍ୟ:

ବଞ୍ଜାରୀ ଭାଷାରେ ଅବ୍ୟୟର ପ୍ରାୟୋଗିକ ସ୍ୱାତନ୍ତ୍ର୍ୟ ଦେଖିବାକୁ ମିଳିଥାଏ। ଯଥା:

- ସଂଯୋଜକ ଅବ୍ୟୟ: ଓ- ଏନ୍, ଏବଂ- ଏନ୍, ପୁଣି- ଫେର୍।

ବିଯୋଜକ ଅବ୍ୟୟ: କିନ୍ତୁ- ହେଲେ, ମାତ୍ର- ମାତ୍ର, ତଥାପି- ତଥାପି।

- ସମୟସୂଚକ ଅବ୍ୟୟ: ଏବେ- ଆବେଜ, କେବେ- କନା, ଯେବେ- ଯେତୁଣା, ସେତେବେଳେ- ଏତୁଣା।
- ସମ୍ବୋଧନସୂଚକ ଅବ୍ୟୟ: ଆଲୋ- ଆତ, ଗୋ- ଆଅତ ।
- ନିଷେଧାର୍ଥକ ଅବ୍ୟୟ: ନାହିଁ- କୋନ।
- ସାଦୃଶ୍ୟବୋଧକ ଅବ୍ୟୟ: ସେପରି- ଅସ, ପରି- ସିଙ୍ଗେର, ଏମନ୍ତ- ଅସଜ, ଏମିତି- ଅସ, ସେମିତି- ତସ।
- ହେତୁବୋଧକ ଅବ୍ୟୟ: ତେଣୁ- ଓରକାଣା।

ପ୍ରଶ୍ନସୂଚକ ଅବ୍ୟୟ: କଣ- କାଇ, କାହାର- କେର, କୌଣସି- କୋଇର, କିଏ- କୋନ, ଯିଏ- ଜକ, କାହାକୁ- କେନେ, କେଉଁଠି- କତେସି।

### କ୍ରିୟାପଦଗତ ବୈଶିଷ୍ଟ୍ୟ:

ବଞ୍ଜାରୀ ଭାଷାରେ ବ୍ୟବହୃତ କ୍ରିୟାପଦର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା ।

| ଓଡ଼ିଆ | ବଞ୍ଜାରୀ | ଓଡ଼ିଆ | ବଞ୍ଜାରୀ |
|---|---|---|---|
| ଅଟକିବା | ହୁଜର | କାଶିବା | କାସଦିବୋ |
| ଆସିବା | ଆ | କିଣିବା | ଲେଲିଦୋ |
| ଉଜାଡ଼ିବା | ଫେକେରୁ | ଖୁଆଇବା | ଖୋରାଦେ |

DOI: 10.70541/BAGEESHA/2025030401

VOL NO 03 ISSUE NO 04

| | | | |
|---|---|---|---|
| ଉଠିବା | ଉଟେର | ଖେଳିବା | ରମରେଛେ |
| ଉଡ଼ିବା | ଓଡ଼ଗୋ | ଗଢିବା | ବଣାଦେ |
| ଉଷୁମ କରିବା | ତାଡ଼ୋ | ଘଉଡ଼ିବା | ଖେଦଦେ |
| ଉପାଡ଼ିବା | ଓକେଡ଼ଦେ | ଚଢିବା | ଚଡ଼ଜୋ |
| ଓଲଟିବା | ଏଲଗୋ | ଚିରିବା | ଚିରଦିନୋ |
| କଟାଡ଼ିବା | କଟାରଦେ | ଚଷିବା | ଜୋତିର |
| କରିବା | କରିଆଁ | ଛିଙ୍କିବା | ଛିକ |
| କହିବା | କେଦେ | ଛେଚିବା | ଫୋଡ଼ |
| କାଟିବା | କାଟଦେ | ଜାଣିବା | ଜାଣେର |
| କାମୁଡ଼ିବା | ଚାବନିହିଁ | ଟେକିବା | ଓଟା |

**ଉପସଂହାର:** ବାସ୍ତବରେ ବଞ୍ଜାରୀ ଭାଷା ହେଉଛି ଏକ ସ୍ୱତନ୍ତ୍ର ଭାଷା। ଉଚ୍ଚାରଣ ଦୃଷ୍ଟିରୁ ଏହାର ସ୍ୱତନ୍ତ୍ରତା ସ୍ପଷ୍ଟରୂପେ ବାରି ହୋଇପଡ଼େ। ବଞ୍ଜାରାମାନେ ଓଡ଼ିଶାରେ ବସବାସ କରି ଓଡ଼ିଆ ଭାଷା ସଂସ୍ପର୍ଶରେ ଆସିଥିଲେ ମଧ୍ୟ ନିଜର ସାଂପ୍ରଦାୟିକ ଭାଷାକୁ ଭୁଲି ପାରିନାହାନ୍ତି। ଏଥିରୁ ବଞ୍ଜାରା ସଂପ୍ରଦାୟର ସ୍ୱାଭିମାନ, ଭାଷାପ୍ରୀତି ଓ ସାଂସ୍କୃତିକ ଚେତନାର ପରିଚୟ ମିଳିଥାଏ। ଯେଉଁ ଜାତିର ଭାଷା ଯେତେ ଉନ୍ନତ, ସେହି ଜାତି ସେତେ ବଳିଷ୍ଠ। ବଞ୍ଜାରା ସଂପ୍ରଦାୟ ଏହି ମହାମନ୍ତ୍ରରେ ଦୀକ୍ଷିତ ହୋଇ ନିଜ ଭାଷାର ପ୍ରୟୋଗ ଓ ସଂରକ୍ଷଣ ଦିଗରେ ଯଥେଷ୍ଟ ଯତ୍ନବାନ। ପାଶ୍ଚାତ୍ୟ ସଂସ୍କୃତି, ଭାଷା ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ଦ୍ରୁତ ଗତିରେ ଆଗେଇ ଚାଲିଥିଲେ ମଧ୍ୟ ପାରମ୍ପରିକତାର ମୋହରେ ବଞ୍ଜାରୀ ଭାଷା ବଞ୍ଚି ରହିଛି। କଥିତ ରୂପରେ ମୌଖିକ ପ୍ରବାହ ଏହାର ଭବିଷ୍ୟତ ଦିଶା ନିର୍ଣ୍ଣୟ କରୁଛି। ଶବ୍ଦତତ୍ତ୍ୱ, ରୂପତତ୍ତ୍ୱ ଓ ବାକ୍ୟତତ୍ତ୍ୱ ଦୃଷ୍ଟିରୁ ବଞ୍ଜାରୀ ଭାଷାର ମୌଳିକତା ପ୍ରମାଣିତ ହୋଇଥାଏ। ବଞ୍ଜାରୀ ଭାଷାର ପ୍ରାୟୋଗିକ ରୂପ ତଥା ଶବ୍ଦ ଓ ବାକ୍ୟ ବିନ୍ୟାସ ଶୈଳୀର ବିଶେଷତ୍ୱ ରହିଛି। ବ୍ୟାବହାରିକ ବ୍ୟାକରଣ ଓ ଲିଖିତ ସାହିତ୍ୟ ଉପରେ ଗୁରୁତ୍ୱାରୋପ କଲେ ବଞ୍ଜାରୀ ଭାଷାର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହୋଇପାରିବ। ତେଣୁ ବଞ୍ଜାରୀ ଭାଷାର ଭବିଷ୍ୟତ ବଞ୍ଜାରା ସଂପ୍ରଦାୟର ଉତ୍ତରାଧିକାରୀମାନଙ୍କ ଭାଷାପ୍ରୀତି ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କରେ।

## ସହାୟକ ଗ୍ରନ୍ଥସୂଚୀ:


୧) ଭୋଇ, ଅକ୍ଷୟ କୁମାର। ୨୦୧୭। ସାଦୋ ଗୋଷ୍ଠି କଡ଼କିୟାନ। ତୁଷୁରା: ସମଲେଶ୍ୱରୀ ଛାପାଖାନା।

୨) ପ୍ରଧାନ, କୃଷ୍ଣଚନ୍ଦ୍ର। ୨୦୧୮। ସାରସ୍ୱତ ବ୍ୟାବହାରିକ ଓଡ଼ିଆ ବ୍ୟାକରଣ। କଟକ: ସତ୍ୟ ନାରାୟଣ ବୁକ୍ ଷ୍ଟୋର।

୩) ମିଶ୍ର, କୁମୁଦିନୀ।୨୦୧୩। ପଣ୍ଡିତ ନୀଳକଣ୍ଠଙ୍କ ବିଜ୍ଞାନ ସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ। ଭୁବନେଶ୍ୱର: ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି।

୪) ସାହୁ, ବାସୁଦେବ। ୨୦୧୫। ପୃଥିବୀର ଭାଷା ପରିବାର ପରିଚୟ ଓ ପରିସର। କଟକ: ବିଦ୍ୟା ପ୍ରକାଶନ।

୫) ସାହୁ, ବାସୁଦେବ। ୨୦୧୩। ଭାଷାବିଜ୍ଞାନର ରୂପରେଖା। କଟକ: ଫ୍ରେଣ୍ଡସ ପବ୍ଲିଶର୍ସ।

୬) ଆଦିବାସୀ ଓଡ଼ିଆ ଔପଭାଷିକ ଶବ୍ଦକୋଷ (୧୯୯୩)। ଭୁବନେଶ୍ୱର: ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ।

English:

1) Banoth, Deepa Jyoti. Another Harmony: Oral Tradition and Folklore of the Lambadas. Delhi : Kalpaz Publications

2) Mukesh, Kethavath. History Of Banjara. Nation Press Publishers

3) Ramesh, Rathla: Goar Banjar Script

4) Rathod, Dinesh Sewa.(2018). Bhimniputras Gorpan: The Linguistic Beauty in Gor-Boli Dilect. Blue Rose Publisher.



## Funding

No funding was received for conducting this study.

## Does this Article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this Article.

DOI: 10.70541/BAGEESHA/2025030401

VOL NO 03 ISSUE NO 04

## About the licenses

© **Dolamani Dharua 2025**. The text of this Article is open access and licensed under a Creative Commons Attribution 4.0 International license.



## Cite this Article :

Dharua, Dolamani, "Odishara Banjari Bhasa: Eka Anusilana", Bageesha, Vol. No. 03, Issue No. 04, Jul-Aug 2025, Article No: BM2025/04-A001| Page-08-12| DOI: https://doi.org/10.70541/BAGEESHA/2025030401

DOI: 10.70541/BAGEESHA/2025030401

VOL NO 03 ISSUE NO 04